# ଜଳ ବିଭାଜିକା - WATER SHED

## ପ୍ରାକୃତିକ ସମ୍ପଦର ସୁପରିଚାଳନା ଦିଗରେ ଏକ ଅଭିନବ ପ୍ରୟାସ

**(୧) ଜଳ ବିଭାଜିକ କ'ଣ:**

(କ) ଜଳ ବିଭାଜିକା ପୃଥିବୀ ପୃଷ୍ଠର ଏକ ଛୋଟ ଭୌଗଳିକ ଅଞ୍ଚଳ । ଭୂପୃଷ୍ଠରେ ପଡୁଥିବା ବର୍ଷାଜଳ ଏକ ସାଧାରଣ ପ୍ରାକୃତିକ ଜଳସ୍ରୋତ ଦେଇ ନିଷ୍କାସିତ ହୋଇଥାଏ । ସମ୍ପୃକ୍ତ ଭୌଗଳିକ ଅଞ୍ଚଳସ୍ଥ ଗୋଟିଏ ଗ୍ରାମ ବା କେତଟା ଗ୍ରାମର ଛୋଟ ନାଳ ଓ ବଡ଼ ନାଳର ଜଳ ମିଶି ଏକ ନଦୀ ସୃଷ୍ଟି ହୁଏ । ଏହି ନଦୀର ଚାରିପାଖରେ ଥିବା ସମ୍ପୃକ୍ତ ଭୌଗଳିକ ଜଳ ସମ୍ବନ୍ଧିତ କ୍ଷେତ୍ରକୁ ସେହି ନଦୀର ଏକ ଜଳ ବଭାଜିକା ଅଞ୍ଚଳ (ୱାଟର ସେଡ୍) କୁହାଯାଏ । ସାଧାରଣତଃ ଚାଷ ଜମି, ଗୋଚର ଜମି, ଜଙ୍ଗଲ କ୍ଷୁଦ୍ର ଜଳ ବାଝରଣାର ସମାହାରକୁ ନେଇ ଗୋଟିଏ ଜଳ ବିଭାଜିକା ଅଞ୍ଚଳ ଗଠିତ । ଆକାର ଦୃଷ୍ଟିର ଜଳବିଭାଜନର ନାମକରଣ କରାଯାଇଥାଏ । ଜଳ ବିଭାଜିକା ସମ୍ପର୍କିତ ସମସ୍ତ କାର୍ଯ୍ୟଗୁଡ଼ିକ ହିଁ କ୍ଷୁଦ୍ର ଜଳ ବିଭାଜିକାରୁ ହିଁ କରିବାକୁ ପଡ଼ିଥାଏ । ଏକ ନିର୍ଦ୍ଦିଷ୍ଟ ଭୌଗଳିକ ଅଞ୍ଚଳରେ ବାସ କରୁଥିବା ଜନସାଧାରଣରେ ବିକାଶ କ୍ଷେତ୍ରରେ ଜଳ ବିଭାଜିକା କାର୍ଯ୍ୟକ୍ରମ ଏକ ସମନ୍ୱିତ ବୈଷୟିକ ଜ୍ଞାନ କୌଶଳ ଜନିତ ପ୍ରକଳ୍ପ । ମୁଖ୍ୟତଃ ଏଥିରେ ୫ଟି ଅଙ୍ଗ ଯଥା - ଜଳ, ଜମି, ଜଙ୍ଗଲ ଜନ୍ତୁ ଓ ଜନର ସୁରକ୍ଷା ବ୍ୟତିତ ଜୀବନ ଜୀବିକା କାର୍ଯ୍ୟକ୍ରମକୁ ପ୍ରାଧାନ୍ୟତା ଦିଆଯାଇଥାଏ ।

**(୨) ଜଳ ବିଭାଜିକା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ:**

(କ) ଜଳ, ଜମି ଓ ସମ୍ପଦର ସଂରକ୍ଷଣ ସହିତ ସୁପରିଚାଳନା ।

(ଖ) ବନ୍ୟ ଜନ୍ତୁ ସମ୍ପଦର ସୁରକ୍ଷା ଓ ବିକାଶ ।

(ଗ) ଭୂତଳ ଜଳସ୍ତର ବୃଦ୍ଧି ଓ ମୃର୍ତ୍ତିକା ଅବରୋଧ

(ଘ) ନୂତନ ଜଙ୍ଗଲ ସୃଷ୍ଟି

(ଙ) ସ୍ଥାନୀୟ ସମ୍ବଳକୁ ନେଇ ପରିବେଶ ବିକାଶ

(ଚ) ଭୂମିହୀନ ଓ ଗରିବ ଲୋକମାନଙ୍କ ଆର୍ଥିକ ମାନଦଣ୍ଡ

(ଛ) ସ୍ୱୟଂ ସହାୟକ ଓ ବ୍ୟବହାରିକ ଗୋଷ୍ଠୀ ଗଠନ କରିବା ସେମାନଙ୍କ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ଉତ୍ସାହିତ କରିବା ସହିତ କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ସାମିଲ୍

(ଜ) ନିଶା ନିବାରଣ, ପରିମଳ ଓ ପରିଷ୍କାର ଅଭିଯାନ କ୍ଷେତ୍ରରେ ଜନ ସଚେତନତା ସୃଷ୍ଟି ।

ଜନସାଧାରଣଙ୍କ ଚଳଣୀ, ଅବିରତ ଜଙ୍ଗଲ କଟା, ପୋଡୁଚାଷ, ତ୍ରୁଟିଯୁକ୍ତ କୃଷି ପ୍ରଣାଳୀ, ଅନିୟନ୍ତିତ ଭାବେ ଖଣିଜ ପଦାର୍ଥ ଉତ୍ତଳନ ଫଳରେ ମୃର୍ତ୍ତିକା ସଂରକ୍ଷଣ ବାଧାପ୍ରାପ୍ତ ହୋଇଥାଏ । ଭୂପୃଷ୍ଠ ଆଚ୍ଛାଦିତ ହୋଇ ନରହିଲେ ବର୍ଷା ବିନ୍ଦୁ ପଟି ହୋଇ ମୃର୍ତ୍ତିକାକୁ ମନ୍ଥନ ଆରମ୍ଭ କରେ । ଗୋଳିଆ ଜଳ ନାଳ, ଯୋର, ନଦୀ ଆଦିକୁ ଧାଇଁବା ପଥରେ ମାଟି ତାଡ଼ିନିଏ । ଭୂପୃଷ୍ଠରୁ ଉର୍ବର ମୃର୍ତ୍ତିକା ଧୋଇଯାଇ ନଦୀନାଳର ଶଯ୍ୟା ଓ ଜଳ ଭଣ୍ଡାର ଆଦି ପୋତି ହୋଇଥାଏ । ଟାଙ୍ଗରା ଜମିରେ କୌଣସି ଫସଲ ନକରିଲେ ପବନ ଦ୍ୱାରା ମୃର୍ତ୍ତିକା କ୍ଷୟ ହେବା ସହ ଜମି ବାଲିଚର ହେବା ଇତ୍ୟାଦି ଲକ୍ଷଣ ପାଏ । ଜଳଭଣ୍ଡାର ପୋତିହେବା ଓ ଝରଣାର ଅଭାବ ପରିଲକ୍ଷିତ ହେବା ସଙ୍ଗେ ସଙ୍ଗେ ଜଳପଥରେ ନିମ୍ନଗତି ହେତୁ କୂପ, ବାମ୍ଫିର ଜଳ ଗ୍ରୀଷ୍ମଦିନେ ବହୁତ ତଳକୁ ଚାଲିଯାଏ । ପାହାଡ଼ରୁ ନାଳ ପର୍ଯ୍ୟନ୍ତ ଜଳ ବିଭାଜିକା ମାଧ୍ୟମରେ ଉର୍ବର ମୃର୍ତ୍ତିକାକୁ ଅଟକାଇବା, ବର୍ଷା ପାଣିର ବେଗକୁ ନିୟନ୍ତିତ କରି ମୃର୍ତ୍ତିକା କ୍ଷୟ ଅବରୋଧ କରିବା, ତଳ ମୁଣ୍ଡରେ ବନ୍ୟା ପ୍ରକୋପ ହ୍ରାସ କରିବା ସହିତ ସଂଗୃହୀତ ବର୍ଷା ଜଳକୁ ବ୍ୟବହାର କରି କୃଷି ଉତ୍ପାଦିତ ବୃଦ୍ଧି କରିବା ଏକ ଆହ୍ୱାନ ରୂପେ ଦେଖାଦେଇଛି ।

ଜଳ ବିଭାଜିକା ଅଞ୍ଚଳରେ ମାଟି ଓ ପାଣି ସଂରକ୍ଷଣ କରିବା ଏକ ମୁଖ୍ୟ କାମ, ଜଳ ବିଭାଜିକା ନିମ୍ନୋକ୍ତ ଦୁଇଟି ପ୍ରକ୍ରିୟା ମାଧ୍ୟମରେ ମୃର୍ତ୍ତିକା ଓ ଜଳ ସଂରକ୍ଷଣ କରାଯାଇପାରେ ଯଥା:- (୧) ନିଷ୍କାସନ ନଦୀର ଉପଯୁକ୍ତ ବ୍ୟବସ୍ଥା (୨) ଜଳ ପ୍ରବାହ ପ୍ରତିରୋଧ ଓ ସଞ୍ଚୟ ।

**(କ) ନିଷ୍କାସନ ନଦୀର ଉପଯୁକ୍ତ ବ୍ୟବସ୍ଥା:**

(୧) ଛୋଟ ଛୋଟ ନାଳୀ ମଧ୍ୟରେ କାଠ ଖୁଣ୍ଟ ପୋତି ତନ୍ମଧ୍ୟରେ ଶୃଙ୍ଖଳା ବୃକ୍ଷାଂଶ ଗଦାଇ ଏକ ପ୍ରକାର ଜାଲିବନ୍ଧ ସୃଷ୍ଟି କରାଯିବା ସହିତ ବର୍ଷାଜଳର ଗତିକୁ ଅବରୋଧ କରିଥାଏ ଓ ନାଳୀର ସୁରକ୍ଷା କରିଥାଏ ।

(୨) ବଡ଼ ବଡ଼ ନାଳୀରେ ପଥର ଖଣ୍ଡଦ୍ୱାରା ବନ୍ଧାଯାଇ ପ୍ରବାହିତ ଜଳକୁ ପ୍ରତିରୋଧ କରାଯିବା ସହିତ ଜଳକୁ ଆବଦ୍ଧ କରିବା ।

(୩) ଅତ୍ୟଧିକ ଜଳର ନିର୍ଗମ ସକାଶେ ନଦୀ ମଝିରେ ବାଲି, ସିମେଣ୍ଟ ଓ ପଥର ଦ୍ୱାରା ନିର୍ଗମପଥ ସୃଷ୍ଟି କରାଯାଇଥାଏ । ଯାହାଦ୍ୱାରା ଜଳ ସଞ୍ଚୟ ହେବା ସଙ୍ଗେ ସଙ୍ଗେ ଅତିରିକ୍ତ ଜଳ ନିରାପଦରେ ନିଷ୍କାସିତ ହୋଇଥାଏ ।

(୪) ବନ୍ଧା ଯାଉଥିବା ବନ୍ଧର ମଝିରେ ମଝିରେ ଅତିରିକ୍ତ ନିର୍ଗତ ଜଳକୁ ସୁବିଧାରେ ବାହାର କରିବାପାଇଁ ଛୋଟ ନିର୍ଗମପଥରେ କରାଯାଇଥାଏ । ଏହା ଫଳରେ ଅତ୍ୟଧିକ ବୃଷ୍ଟି ଦ୍ୱାରା ବନ୍ଧର କ୍ଷତି ଘଟି ନଥାଏ ।

**(ଖ) ଜଳ ପ୍ରବାହ ପ୍ରତିରୋଧ ସଞ୍ଚୟ:**

(୧) ଦୁଇ ରୁ ଦଶ ପ୍ରତିଶତ ଗଡ଼ାଣିଆ ଜମିରେ ସମପତନ ବନ୍ଧ ପକାଇ ଗଡ଼ିଯାଉଥିବା ବର୍ଷା ଜଳକୁ ଜମି ମଧ୍ୟରେ ଆବଦ୍ଧ ରଖାଯାଏ । ଜମିର ଫସଲକୁ ଅଧିକ ସମୟ ବର୍ଷାଜଳ ମିଳିଥାଏ ।

(୨) ଦଶ ପ୍ରତିଶତରୁ ଅଧିକ ଗଡ଼ାଣିଆ ଜମିରେ ସମପତନ ପଟି ତିଆରି କରି ଓ ଏହାକୁ ବାନ୍ଧିବା ଦ୍ୱାରା ଗଡ଼ି ଯାଉଥିବା ପାଣି ପଟି ମଧ୍ୟରେ ଖେଳାଇ ରଖାଯାଇପାରେ । ବିଭିନ୍ନ ପରିବେଶକୁ ଆଧାରକରି ଏହାକୁ ତିନିଭାଗରେ ବିଭକ୍ତ କରାଯାଇଛି ।

(୩) ଅତ୍ୟଧିକ ବୃଷ୍ଟିପାତ ଅଞ୍ଚଳରେ ପଟିକୁ ଢ଼ାଲୁର ବିପରୀତ ଦିଗକୁ ସାମାନ୍ୟ ଗଡ଼ାଣିଆ ରଖିବା ଦ୍ୱାରା

(୪) ମଧ୍ୟବିତ୍ତ ବୃଷ୍ଟିପାତ ଅଞ୍ଚଳରେ ପଟିକୁ ସମତୁଲ କରିବାଦ୍ୱାରା ବର୍ଷାଜଳ ଭୂମିତଳକୁ ଚାଲିଯାଇ

(୫) କମ୍ ବୃଷ୍ଟିପାତ ଅଞ୍ଚଳରେ ପଟିକୁ ଜମିର ଢ଼ାଲୁ ଦିଗରେ ଗଡ଼ାଣିଆ କରାଯାଏ । ପଟିର ବାହାର ପାର୍ଶ୍ୱରେ ଏକ ବନ୍ଧ ପକାଇ ପାଣିକୁ ପଟି ମଧ୍ୟରେ ଅଧିକ ସମୟ ରଖାଯାଇ ମାଟି ମଧ୍ୟକୁ ପ୍ରବେଶ କରିବାକୁ ଦିଆଯାଏ ।

(୬) ଜୈବିକ ପ୍ରତି ବନ୍ଧକ ଦ୍ୱାରା ବର୍ଷା ଜଳକୁ ଜମି ମଧ୍ୟରେ ଆବଦ୍ଧ କରିହୁଏ ଓ ମୃତ୍ତିକା କ୍ଷୟ ହ୍ରାସ କରାଯାଇଥାଏ । ଏହା ବିଭିନ୍ନ ତୃଣଜାତୀୟ ଫସଲ କିମ୍ବା ବୃକ୍ଷ ରୋପଣ ଦ୍ୱାରା ହୋଇଥାଏ ।

**ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (MNREGS) ମାଧ୍ୟମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପଥ ପାର୍ଶ୍ୱ ବୃକ୍ଷରୋପଣ, ଉଚ୍ଚ ତଥା ଅନୁର୍ବର ଜମିରେ କାଜୁ ବାଦାମ ଚାଷ ସହିତ ଫାର୍ମ ପଣ୍ଡ (କୃଷି ଭିତ୍ତିକ ପୋଖରୀ), ଜଳ ଅମଳ ପ୍ରକଳ୍ପ ଏବଂ ସମପତନ ବନ୍ଧ ଇତ୍ୟାଦି କାର୍ଯ୍ୟକାରୀ କରାଯାଉଛି । ସବିଶେଷ ବିବରଣୀ ପାଇବାକୁ ହେଲେ ଜିଲ୍ଲା ଜଳ ବିଭାଜିକା ମିଶନଙ୍କୁ ଯୋଗାଯୋଗ କରିପାରିବେ ।**

**ଜଳ ବିଭାଜିକା ବିଷୟରେ ଅଧିକ ଜାଣିବା ପାଇଁ ଆଜି ହିଁ ଯୋଗଯୋଗ କରନ୍ତୁ**


## ସୋସିଆଲ୍ ଡ଼େଭ୍‌ଲପ୍‌ମେଣ୍ଟ୍ ଫାଉଣ୍ଡେସନ୍

ବହ୍ଲର ଛକ, ତାଳଚେର, ଅନୁଗୁଳ, ଓଡ଼ିଶା-୭୫୯୧୦୪

ଦୂରଭାଷ: ୯୪୩୭୯୦୪୧୦୮, ୮୯୦୮୪୬୬୦୪୯